
ହେରା ପଞ୍ଚମୀ ଅବସରରେ ରାୟଗଡ଼ାସ୍ଥିତ ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉ ନରସିଂହ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।


ଗୁଣପୁର ବଡ ଗୁଣ୍ଡିଚା ମନ୍ଦିର ରେ ଶ୍ରୀ ଜଗନ୍ନାଥଙ୍କ ନୃସିଂହ ଅବତାର ଏବଂ ଶ୍ରୀ ବଳରାମଙ୍କ ବରାହ ଅବତାର ବେଶ।

# ହେରା ପଞ୍ଚମୀରେ ଶ୍ରୀଜୀଉଙ୍କ ନରସିଂହ ଅବତାର

**ରାୟଗଡା, ୧୧।୭ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡାସ୍ଥିତ ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ଗୁରୁବାର ପବିତ୍ର ହେରା ପଞ୍ଚମୀ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି । ହେରା ପଞ୍ଚମୀ ଅବସରରେ ଶ୍ରୀଜିଉ ନରସିଂହ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଭୋରରୁ ମଙ୍ଗଳ ଆଳତୀ ପରେ ଚତୁର୍ଦ୍ଧାମୁର୍ତ୍ତିଙ୍କୁ ବେଶ କରାଯାଇଥିଲା । ନରସିଂହ ବେଶ ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଚତର୍ଦ୍ଧାମୂର୍ତ୍ତିଙ୍କ ଏହି ଦିବ୍ୟ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଲାଗି ରହିଥିଲା । ସନ୍ଧ୍ୟାରେ ଶ୍ରୀମନ୍ଦିରରୁ ମହାଲକ୍ଷ୍ମୀ ବାହାରି ଥିଲେ। ସେବାୟତମାନେ ମହାଲକ୍ଷ୍ମୀଙ୍କୁ ପାଲଙ୍କିରେ ଆଣିବା ପରେ ବଚନିକା ପାଠ ହୋଇଥିଲା । ଏହାପରେ ରଥ ଭଙ୍ଗା ନୀତି ଅନୁଷ୍ଠିତ ହୋଇଥିଲା । ରଥଭଙ୍ଗା ନୀତି ପରେ ଦକ୍ଷିଣ ମୋଡ କରାଯାଇଛି ରଥ । ଏହା ଦେଖିବା ପାଇଁ ରାୟଗଡା ସମେତ ପଡୋଶୀ ଆନ୍ଧ୍ରପ୍ରଦେଶରୁ ମଧ୍ୟ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସେହିଭଳି କଲ୍ୟାଣସିଂହପୁର, କାଶୀପୁର, ଜେକେପୁର, ବିଷମକଟକ ଓ ଦୁର୍ଗୀ ଠାରେ ମଧ୍ୟ ଆଡମ୍ବରରେ ମହାପ୍ରଭୁଙ୍କ ହେରା ପଞ୍ଚମୀ ପାଳିତ ହୋଇଛି।

# ଥମୁନି ମ୍ୟାଲେରିଆ, ବଢ଼ୁଛି ଆକ୍ରାନ୍ତ ଛାତ୍ରୀଛାତ୍ରଙ୍କ ସଂଖ୍ୟା

**ରାୟଗଡ଼ା, ୧୧।୭ (ଆଶିଷ ରଞ୍ଜନ ପଣ୍ଡା)**

## ଏଏନ୍‌ଏମ୍ ଅଭାବ, ସବୁ ସ୍କୁଲରେ ହୋଇପାରୁନି ରକ୍ତ ପରୀକ୍ଷା

ରାୟଗଡ଼ା ଜିଲାର ବିଭିନ୍ନ ସ୍କୁଲରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମ୍ୟାଲେରିଆରେ ଆକ୍ରାନ୍ତ ୨୭ ଛାତ୍ରୀଛାତ୍ର ଗୁରୁତର ଅବସ୍ଥାରେ ଚିକିସିତ ହେଉଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୫ ଜଣ ଚିକିତ୍ସିତ ହେଉଥିବା ବେଳେ ଚନ୍ଦ୍ରପୁର, ମୁନିଗୁଡା, ଗୁଣପୁର, ପଦ୍ମପୁର, ବିଷମକଟକ, କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧ ଜଣ ଚିକିତ୍ସିତ ହେଉଛନ୍ତି। ଜଣେ ଛାତ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେ ହେଉଛନ୍ତି ଭାକୁରଗୁଡା ଆଶ୍ରମ ବିଦ୍ୟାଳୟ ଛାତ୍ର ଫକିର ତାଡିଙ୍ଗି (୧୩)। ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ୪୩ଟି ଆଶ୍ରମ, ସେବାଶ୍ରମ ଓ ଉଚ୍ଚବିଦ୍ୟାଳୟ ହଷ୍ଟେଲରେ ହଷ୍ଟେଲରେ ମ୍ୟାଲେରିଆର କରାଳ ଚିତ୍ର ନଜରକୁ ଆସିଛି। ଏକ ସପ୍ତାହ ମଧ୍ୟରେ ପ୍ରାୟ ୩ ହଜାର ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଛି। ସେଥି ମଧ୍ୟରୁ ୪ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ମ୍ୟାଲେରିଆ ପଜିଟିଭ ରହିଥିବା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡିଛି ।

ଅନ୍ୟପଟେ ଜିଲାରେ ଆବଶ୍ୟକ ସଂଖ୍ୟକ ଏଏନ୍‌ଏମ୍ ନ ଥିବାରୁ ବହୁ ବିଦ୍ୟାଳୟରେ ପିଲାଙ୍କ ରକ୍ତ ନମୁନା ପରୀକ୍ଷା ହୋଇପାରି ନ ଥିବା ଜଣାପଡ଼ିଛି। ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ୧୩୮ଟି ବିଦ୍ୟାଳୟରେ ମାତ୍ର ୩୭ ଜଣ ଏଏନ୍‌ଏମ ଅଛନ୍ତି । ଜିଲାରେ ୫୮ ସେବାଶ୍ରମ, ୩୧ ଆଶ୍ରମ, ୪୪ ଉଚ୍ଚ ବିଦ୍ୟାଳୟ, ୩ ଶିକ୍ଷା କମ୍ପ୍ଲେକ୍ସ ଓ ୨ଟି ଆବାସିକ ସେବାଶ୍ରମ ରହିଛି । ଏହି ସ୍ଥାନରେ ଥିବା ହଷ୍ଟେଲରେ ମଙ୍ଗଳ ବିଭାଗ ପକ୍ଷରୁ ଏଏନ୍‌ଏମ ନିଯୁକ୍ତି ପାଇଛନ୍ତି । ହେଲେ ଯେତିକି ଜଣ ନିଯୁକ୍ତ ଅଛନ୍ତି ତାହା ନିଅଣ୍ଟ। ଗତ ୩ ବର୍ଷ ହେବ ନୂଆ ନିଯୁକ୍ତି ସରକାର ଦେଇନାହାନ୍ତି। ଫଳରେ ହଷ୍ଟେଲରେ ରହୁଥିବା ଅନ୍ତେବାସୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି । ଜଣେ ଏଏନ୍‌ଏମ ୩ ରୁ ୪ ବିଦ୍ୟାଳୟ ଦାୟିତ୍ୱରେ ଅଛନ୍ତି। ଏବେ ମ୍ୟାଲେରିଆ ବ୍ୟାପିଥିବା ବେଳେ ଅନେକଙ୍କ ରକ୍ତ ନମୁନା ପରୀକ୍ଷା ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ରାୟଗଡା ବ୍ଲକରେ ୧୮ ବିଦ୍ୟାଳୟ ପାଇଁ ମାତ୍ର ୫ ଜଣ ଏଏନଏମ ନିଯୁକ୍ତ ଥିବାବେଳେ ସହର ଉପକଣ୍ଠ ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ଅଦ୍ୟାବଧି ଜଣେ ମଧ୍ୟ ନିଯୁକ୍ତ ହୋଇନାହାନ୍ତି । ଗୁଡାରୀ ବ୍ଲକର ୮ ଓ ଚନ୍ଦ୍ରପୁର ବ୍ଲକର ୭ ବିଦ୍ୟାଳୟ ପାଇଁ ମାତ୍ର ଜଣେ ଲେଖାଏଁ ଏଏନ୍‌ଏମ ନିଯୁକ୍ତି ପାଇଛନ୍ତି। ଫଳରେ ଜରୁରୀକାଳୀନ ସମୟରେ ହଷ୍ଟେଲରେ ରହୁଥିବା ଅନ୍ତେବାସୀ ସମସ୍ୟା ଭୋଗୁଥିବା ଅଭିଯୋଗ ହେଉଛି। ତେବେ କେଉଁ କାରଣରୁ ମଙ୍ଗଳ ବିଭାଗ ପକ୍ଷରୁ ହଷ୍ଟେଲରେ ଏଏନ୍‌ଏମଙ୍କୁ ନିଯୁକ୍ତି ମିଳୁନାହିଁ ତାହା ତଦନ୍ତସାପେକ୍ଷ । ଅନ୍ୟପଟେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶଯ୍ୟା ଅଭାବ ଯୋଗୁ ଅନେକ ଆକ୍ରାନ୍ତ ମେଡିକାଲ ବାରଣ୍ଡାରେ ଚିକିତ୍ସିତ ହେଉଛନ୍ତି।

ମିଳିଥିବା ସୂଚନା ପ୍ରକାରେ ଚନ୍ଦ୍ରପୁର ବ୍ଲକର ଚନ୍ଦ୍ରପୁର, ହାକୁସପଙ୍ଗା, ବୁଢୁବାଲି, ଡାଙ୍ଗସୋରଡା, ହନୁମନ୍ତପୁର, ରଇବିଜି ରାୟଗଡା ବ୍ଲକ ଭାକୁରଗୁଡା, କୁମ୍ଭିକୋଟା, ମାଲିଗାଁ, ବଡରାଇସିଂ, ପେନିକଣା, ବିଲେସୁ, କେରେଡା ବିଦ୍ୟାଳୟରେ ଛାତ୍ରୀଛାତ୍ର ମ୍ୟାଲେରିଆ ଆକ୍ରାନ୍ତ ଥିବା ଚିହ୍ନଟ ହେବା ପରେ ସେମାନଙ୍କ ଚିକିତ୍ସା ଚାଲିଛି । ସେହିଭଳି କଲ୍ୟାଣସିଂହପୁର ବ୍ଲକ ପୋଲମା, ତଳଅଞ୍ଚଳବାଡି, ବୁଡାଗୁଡା, ପାରସାଲି, ବେଲକଣା, ବଡନାୟକଗୁଡା ବିଦ୍ୟାଳୟରେ ଶତାଧିକ ଛାତ୍ରଛାତ୍ରୀ ଆକ୍ରାନ୍ତ ହୋଇଛନ୍ତି। ଏତଦବ୍ୟତିତ ଗୁଣପୁର ବ୍ଲକ କୁଲସିଂ ଆଶ୍ରମ ବିଦ୍ୟାଳୟ, ବିଷମକଟକ ବ୍ଲକ ଡୁକୁମ ବାଳିକା ଉଚ୍ଚ ବିଦ୍ୟାଳୟ, କୋଲନରା ବ୍ଲକ ଅଣ୍ଟାମଡା ଉଚ୍ଚବିଦ୍ୟାଳୟ, ମୁକୁନ୍ଦପୁର ଉଚ୍ଚବିଦ୍ୟାଳୟ, କୈଳାଶପୁର ଉଚ୍ଚବିଦ୍ୟାଳୟ, ବାଙ୍କିଲି ଉଚ୍ଚ ବିଦ୍ୟାଳୟ, ରବାଡି ବାଳିକା ଉଚ୍ଚ ବିଦ୍ୟାଳୟ, ମୁନିଗୁଡା ବ୍ଲକ ମୁନିଖୋଲ ଉଚ୍ଚ ବିଦ୍ୟାଳୟରେ ଅନେକ ଛାତ୍ରଛାତ୍ରୀ ଆକ୍ରାନ୍ତ ହୋଇଛନ୍ତି। ବିଭିନ୍ନ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍କ୍ରିନିଂ କରାଯାଉଥିବା ସୂଚନା ମିଳିଛି। ହଷ୍ଟେଲରେ ଅନ୍ତେବାସୀଙ୍କୁ ମଶାରୀ ଟାଙ୍ଗି ଶୋଇବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା ପାଇଁ ପଦକ୍ଷେପ ଗ୍ରହଣ ହୋଇଛି । ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏ ସମ୍ପର୍କରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ, ବିଭାଗ ଏହାର ଅନୁଧ୍ୟାନ କରୁଛି । ଆଗାମୀ ଦିନରେ ଉଚିତ ପଦକ୍ଷେପ ଗ୍ରହଣ ହେବ। ଏଣେ ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ କହିଛନ୍ତି, ସମସ୍ତ ସ୍କୁଲ ହଷ୍ଟେଲରେ ଥିବା ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖାଯାଇଛି । ସ୍ୱାସ୍ଥ୍ୟ ବିଭାଗ ଟିମ ନିୟମିତ ଯାଞ୍ଚ କରୁଛନ୍ତି। ସ୍ଥିତି ନିୟନ୍ତ୍ରଣ ପାଇଁ ମଙ୍ଗଳ ଓ ସ୍ୱାସ୍ଥ୍ୟ ବିଭାଗ ମିଳିତ ଉଦ୍ୟମ କରୁଥିବା ମଙ୍ଗଳ ଅଧିକାରୀ ବିଶ୍ୱାଳ ସୂଚନା ଦେଇଛନ୍ତି ।

# ୯ କେଜି ଗଞ୍ଜେଇ ଜବତ, ଜଣେ ଗିରଫ


ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

**ରାୟଗଡ଼ା, ୧୧।୭(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ବସ୍‌ଷ୍ଟାଣ୍ଡରେ ଅବକାରୀ ବିଭାଗ ପକ୍ଷରୁ ଯାଞ୍ଚ ବେଳେ ଜଣେ ଯୁବକଙ୍କଠାରୁ ୯ କେଜି ଗଞ୍ଜେଇ ଜବତ କରାଯାଇଛି। ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ହରିୟାଣାର ଜଣେ ଯୁବକ ରମେଶଙ୍କୁ ଗିରଫ କରାଯାଇଛି।

ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ରାୟଗଡ଼ା ସଦର ଟିମ୍ ପକ୍ଷରୁ ରାୟଗଡ଼ା ବସ୍‌ଷ୍ଟାଣ୍ଡରେ ପାଟ୍ରୋଲିଂ ସମୟରେ ରମେଶଙ୍କ ଉପରେ ସନ୍ଦେହ ହେବାରୁ ରାୟଗଡ଼ା ଅବକାରୀ ଥାନା ଇନ୍‌ଚାର୍ଜ ଏସ୍‌ଆଇ ସଞ୍ଜୟ ପ୍ରଧାନ ପଚରାଉଚୁରା କରିଥିଲେ। ତେବେ ରମେଶଙ୍କଠାରୁ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଏସ୍‌ଆଇ ପ୍ରଧାନ ସେ ଧରିଥିବା ବ୍ୟାଗ୍‌କୁ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଉକ୍ତ ଗଞ୍ଜେଇ ଜବତକରିବା ସହ ରମେଶଙ୍କୁ ଗିରଫ କରିଥିଲେ। ଜବତ ଗଞ୍ଜେଇ ଓଜନ ୯.୯୮୫ କେଜି ରହିଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ଏସ୍‌ଆଇ ପ୍ରଧାନ କହିଛନ୍ତ। ଯାଞ୍ଚ ବେଳେ ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ଆଇ ରାଶି ନାୟକ, କନ୍‌ଷ୍ଟେବଲ ମେଲକା କୁମାରୀ, ଜି. ଧର୍ମାରାଓ, ଅମର ଦଳାଇ, ସନ୍ଦୀପ ପତ୍ର ଓ କିଶୋର ବିଡ଼ିକା ପ୍ରମୁଖ ରହିଥିଲେ।


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଜିଲାପାଳ ମନୋଜ ମହାଜନ ଓ ଅନ୍ୟମାନେ ଗୁରୁବାର ରାୟଗଡ଼ା ଜିଲା କାଶୀପୁରଠାରେ ନିର୍ମିତ ଗିରିଗୋବର୍ଦ୍ଧନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବାକୁ ଯାଉଛନ୍ତି। (ଫଟୋ– ପ୍ରଫୁଲ୍ଲ କୁମାର ବେହେରା)

# ଓକିଲ ସଂଘ ପକ୍ଷରୁ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ

**ଗୁଣପୁର, ୧୧।୭(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ଜଗନ୍ନାଥ ମନ୍ଦିର ନିକଟରେ ଓକିଲ ସଂଘ ସଦସ୍ୟ ୭୫ତମ ବନ ମହୋତ୍ସବରେ ସାମିଲହୋଇ 'ମା ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଚାରାରୋପଣ କରିଥିଲେ। ସଂଘର ସଭାପତି ଦେବୀପ୍ରସାଦ ଆଚାର୍ଯ୍ୟ, ସମ୍ପାଦକ ଇନ୍ଦ୍ରାକ୍ଷୀ ପ୍ରସାଦ ଦାଶ, ବରିଷ୍ଠ ସଦସ୍ୟ ଉମାଚରଣ ପଟ୍ଟନାୟକ, ଫଣିଭୂଷଣ ପଟ୍ଟନାୟକ, ଗଣେଶ ପଣ୍ଡା, ବିଶ୍ୱନାଥ ସାହୁ, ହିମକାନ୍ତ ମହାପାତ୍ର, ଏସ୍. ଶିବାଜୀ, ମୁନା ଶବର, ନିଖିଲ ପାତ୍ର ,ମିହିର ପଟ୍ଟନାୟକ ଓ ସୁରଜ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ମା'ଙ୍କ ନାମରେ ଗୋଟିଏ ଲେଖାଏ ଚାରାରୋପଣ କରିଥିଲେ । ଏହି ଅବସରରେ ଗୁଣପୁର ବନ ବିଭାଗର ବନପାଳ ଶିବାନୀ ପାତ୍ର, ବନରକ୍ଷୀ ସସ୍ମିତା କୁମାରୀ ପାତ୍ର, ସ୍ୱପ୍ନା ବାଉରୀ, ରାମକୃଷ୍ଣ ନାୟକ, ରତ୍ନମାଳା ହିଆଲ ଓ ସୂର୍ଯ୍ୟନାରାୟଣ ମହାଲ୍ଲୁଡ ପ୍ରମୁଖ ଉପସ୍ଥିତ ଥିଲେ ।


ଓକିଲ ସଂଘ ସଦସ୍ୟମାନେ ଚାରାରୋପଣ କରୁଛନ୍ତି।

# ମହିଳାଙ୍କଠୁ ୪୦ ହଜାର ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

**ଗୁଣପୁର, ୧୧।୭(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡା ଜିଲା ଗୁଣପୁର ସହରରେ ଗୁରୁବାର ଦିନ ଦ୍ୱିପହରରେ ଜଣେ ମହିଳାଙ୍କଠାରୁ ୪୦ ହଜାର ଟଙ୍କା ଲୁଟ୍ ହୋଇଛି। ମହିଳା ଜଣକ ଗୁରୁବାର ମଧ୍ୟାହ୍ନ ପ୍ରାୟ ୧ ଟା ୧୦ ମିନିଟରେ ଗୁଣପୁରସ୍ଥିତ ଇଣ୍ଡିଆନ ବ୍ୟାଙ୍କରୁ ୪୦ ହଜାର ଟଙ୍କା ଉଠାଇ ବ୍ୟାଙ୍କରୁ ବାହାରକୁ ଆସିବା ସମୟରେ ୨ଜଣ ଦୁର୍ବୃତ୍ତ ଏକ ମୋଟର ସାଇକେଲ ଯୋଗେ ଆସି ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଟଲଣା ଗ୍ରାମର ଏମୋନି ଶବର ଗୁଣପୁର ଥାନାରେ ଅଭିଯୋଗ କରିଛନ୍ତି। ଗୁଣପୁରର ସବୁଠାରୁ ଜନଗହଳି ସ୍ଥାନ ପୁରୁଣା ବସଷ୍ଟାଣ୍ଡ ନିକଟରେ ଇଣ୍ଡିଆନ ବ୍ୟାଙ୍କ ରହିଥିବା ବେଳେ ଦିନଦ୍ୱିପହରେ ଏଭଳି ଲୁଟ ଘଟଣାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଘଟଣାର ତଦନ୍ତ କରାଯାଉଥିବା ଗୁଣପୁର ଥାନା ଆଇଆଇସି ଉତ୍ତମ କୁମାର ସାହୁ କହିଛନ୍ତି।

# କାର୍ ଧକ୍କାରେ ପରିବାରର ୪ ଗୁରୁତର

**ରାୟଗଡା, ୧୧।୭ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକର କଣ୍ଡାଜାମ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ କାର ସହ ବାଇକ୍ ଧକ୍କା ହେବାରୁ ଗୋଟିଏ ପରିବାରର ୪ ଜଣ ଆହତ ହୋଇଛନ୍ତି। ଗୁମୁଡା ଲକ୍ଷ୍ମୀପୁର ଗ୍ରାମର ୪ ଜଣ ବାଇକ୍‌ରେ ବସି ଯାଉଥିବାବେଳେ କାର୍ ଧକ୍କା ଦେବାରୁ ସେମାନେ ତଳେ ପଡ଼ିଯାଇଥିଲେ। ଦୁର୍ଘଟଣାରେ ସେମାନଙ୍କ ଗୋଡ଼ ଭାଙ୍ଗି ଯାଇଥିବା ଜଣାପଡିଛି। ଆମ୍ବୁଲାନ୍ସ ନ ଆସିବା ଯୋଗୁ ଆହତଙ୍କୁ ସ୍ଥାନୀୟ ବିଡ଼ିଓ ଓ ପୋଲିସ ଗାଡି ସାହାଯ୍ୟରେ ନିକଟସ୍ଥ ରାମନାଗୁଡ଼ା ମେଡିକାଲକୁ ନିଆଯାଇଥିଲା। ରାମନାଗୁଡ଼ା ଜିଲା ପରିଷଦ ସଭ୍ୟ ତାଂଗୁଡୁ ଶ୍ରୀଧର ମଧ୍ୟ ମେଡିକାଲ ଯାଇ ଆହତଙ୍କୁ ଭେଟିଥିଲେ। ଘଟଣାସ୍ଥଳରେ ରାମନାଗୁଡ଼ା ପୋଲିସ ପହଞ୍ଚି ଅଧିକ ଅନୁସନ୍ଧାନ ଜାରି ରଖିଛି। ଅଧିକ ଚିକିତ୍ସା ପାଇଁ ଆହତଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ବିଭିନ୍ନ ବିଦ୍ୟାଳୟରେ ଚାରାରୋପଣ

**ଟିକିରି, ୧୧।୭ (ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ର ୨ଟି ହାଇସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଶୀପୁର ବ୍ଲକ ଶଙ୍କରଡା ପଞ୍ଚାୟତ ପଞ୍ଚାଳୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ ବେଳେ ସ୍କୁଲର ପ୍ରଧାନ ଶିକ୍ଷକ କଳ୍ପତରୁ ଭେଜ, ଶଙ୍କରଡ଼ା ବନପାଳଙ୍କ ଉପସ୍ଥିତିରେ ୬୦ଟି ବେଲ, ଅଁଳା, ଜାମୁକଳି, ପଣସ, ଲିମ୍ବ , ଡାଳିମ୍ବ ଚାରା ଲଗାଯାଇଥିଲା। ସେହିପରି ପଡ଼ାପାଡ଼ି ପଞ୍ଚାୟତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ଶଙ୍କରଡା ବନପାଳ ଗୌତମ ପଣ୍ଡାଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ। ସେହିପରି ଟିକିରି ବନାଞ୍ଚଳ ପକ୍ଷରୁ ପୁହୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ଓ ସହଯୋଗୀ ଶିକ୍ଷକ, ଛାତ୍ରୀଛାତ୍ର ଓ ଶଙ୍କରଡ଼ା ବନପାଳଙ୍କ ଉପସ୍ଥିତିରେ ପ୍ରାୟ ୩୦ଟି ଚାରାରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଶଙ୍କରଡ଼ା ଫରେଷ୍ଟର ଗୌତମ ପଣ୍ଡା ପରିଚାଳନା କରିଥିଲେ।

# ଗୁଣପୁରରେ ୨ ପାର୍କ ଉଦ୍‌ଘାଟିତ

**ଗୁଣପୁର, ୧୧।୭ (ପ୍ରଦୀ ପ କୁମାର ପାଢ଼ୀ )**

ରାୟଗଡା ଜିଲା ପୁରୁଣା ଗୁଣପୁରଠାରେ ୩ ଏକର ଜମି ଉପରେ ହୋଇଥିବା ସ୍ମାର୍ଟପାର୍କକୁ ବିଧାୟକ ସତ୍ୟଜିତ ଗମାଙ୍ଗ ଗୁରୁବାର ଉଦଘାଟନ କରିଛନ୍ତି। ଏଥିସହ କଣ୍ଡାବାଉରୀ ସାହିରେ ୧୯ ଲକ୍ଷ ଟଙ୍କାରେ ତିଆରି ହୋଇଥିବା ଭିବିକେଦେଓ ମିନିପାର୍କର ମଧ୍ୟ ଉଦ୍‌ଘାଟନ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୌର ପରିଷଦର ଅଧ୍ୟକ୍ଷା ମମତା ଗୌଡ ଓ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡି ପରିଚାଳନା କରିଥିଲେ।


ବିଧାୟକ ପାର୍କ ଉଦ୍‌ଘାଟନ କରୁଛନ୍ତି।

# ଜୁଆ ଆଡ୍ଡାରେ ଚଢ଼ାଉ, ୪ ଗିରଫ

**ଗୁଣପୁର, ୧୧।୭(ପ୍ରଦୀପ କୁମାର ପାଢ଼ୀ)**

## ୨, ୪୧, ୯୭୦ ଟଙ୍କା : ୨ ସ୍କୁଟି ଜବତ

ରାୟଗଡ଼ା ଜିଲା ଗୁଣପୁର ପୋଲିସ ବୁଧବାର ରାତିରେ ଚାଲକମ୍ବା ପଞ୍ଚାୟତ କାଲମା ଗ୍ରାମର ଗୋଟିଏ ଜୁଆ ଆଡ୍ଡା ଉପରେ ଚଢ଼ାଉକରି ୪ ଜଣଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ୨ ଲକ୍ଷ ୪୧ ହଜାର ୯୭୦ ଟଙ୍କା ସହ ୧୦୪ଟି ତାସ, ୪ଟି ମୋବାଇଲ ଫୋନ, ୨ଟି ସ୍କୁଟି ଜବତ କରାଯାଇଥିବା ଥାନା ଅଧିକାରୀ ଉତ୍ତମ କୁମାର ସାହୁ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ରଞ୍ଜିତ ପ୍ରଧାନ, ଗୋପାଳକୃଷ୍ଣ ,ଧନଞ୍ଜୟ ରାଓ ଓ ବିଜୟ କୁମାର ଶବର।


ଗିରଫ ଅଭିଯୁକ୍ତଙ୍କ ସହ ଜବତ ମୋବାଇଲ ଏବଂ ଟଙ୍କା।





କୋରାପୁଟ ଶାବର ଶ୍ରୀକ୍ଷେତ୍ର ଆଡ଼ପ ମଣ୍ଡପରେ ଗୁରୁବାର ଶ୍ରୀଜୀଉ ଲକ୍ଷ୍ମୀ ନୃସିଂହ ଅବତାରରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିବା ବେଳେ ଜୟପୁରରେ ବଳଭଦ୍ର ନରସିଂହ ଓ ଜଗନ୍ନାଥ ନାରାୟଣ ଓ ଦାମନଯୋଡ଼ିରେ ଶ୍ରୀଜୀଉ ନୃସିଂହ ବେଶରେ ଦର୍ଶନ ଦେଉଛନ୍ତି।

## ସଂକ୍ଷେପରେ

### ମହିଳାଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଜୟପୁର,୧୧।୭(ପବନ ପାଣିଗ୍ରାହୀ)

ଜଣେ ମହିଳାଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ସଦର ପୋଲିସ ଗିରଫ କରିଛି। ସେ ହେଲେ ବାର୍ଲାହାଣ୍ଡିର ଈଶ୍ୱର ହରିଜନ (୩୫)। ଈଶ୍ୱର କୌଣସି କାରଣରୁ ଉତ୍ତ୍ୟକ୍ତ ହୋଇ ଜଣେ ମହିଳାଙ୍କୁ ବାଡ଼ିରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ହାତ ଭାଙ୍ଗିଯାଇଥିଲା। ଏନେଇ ସେ ସଦର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ତଦନ୍ତରୁ ଈଶ୍ୱରଙ୍କ ସମ୍ପୃକ୍ତି ସ୍ପଷ୍ଟହେବା ପରେ ତାଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

### ନାବାଳିକାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

ଜୟପୁର, ୧୧।୭ (ପବନ ପାଣିଗ୍ରାହୀ)

ଜଣେ ନାବାଳିକାଙ୍କୁ ମନ୍ଦ ଉଦ୍ଦେଶ୍ୟରେ ସ୍ପର୍ଶ କରିଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଡେଙ୍ଗାପଦର ଗ୍ରାମର ଗୁରୁବନ୍ଧୁ ହରିଜନ (୪୨) । ନାବାଳିକା ଜଣକ ଗୁରୁବନ୍ଧୁଙ୍କ ସମ୍ପର୍କୀୟ ଭାଣିଜୀ ହେବେ। ଗିରଫ ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଅନିତା କୁଜୁର କହିଛନ୍ତି ।

### ୧୮ ଡେଙ୍ଗୁ ପଜିଟିଭ ଚିହ୍ନଟ

କୋରାପୁଟ,୧୧।୭
(ଅମିତାଭ ବେହେରା)

କୋରାପୁଟ ଜିଲାରେ ଦିନକୁ ଦିନ ବୃଦ୍ଧି ପାଉଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା। ଚଳିତ ବର୍ଷ କୋରାପୁଟ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଯାବତ୍ ମୋଟ ୧୬୯୬ ଜଣଙ୍କ ରକ୍ତ ନମୁନା ପରୀକ୍ଷା ହୋଇଥିଲା। ସେଥିରୁ ୧୮ ଜଣ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଥିବା ଡାକ୍ତର ମୁକ୍ତିକାନ୍ତ ଖଟୁଆ କହିଛନ୍ତି। ସେମାନଙ୍କ ମଧ୍ୟରେ ଜୟପୁରର ୨ ଜଣ, କୋରାପୁଟର ୪, ଜିଲାର ଅନ୍ୟ ସହରରୁ ଜଣେ, କୋରାପୁଟର ଗ୍ରାମାଞ୍ଚଳରୁ ୭ ବ୍ୟକ୍ତି ରହିଥିବା ଜଣାପଡିଛି। ସେହିପରି ମାଲକାନାଗିରି ଜିଲାର ୨, ନବରଙ୍ଗପୁର ଜିଲାର ଜଣେ ଏବଂ ରାୟଗଡା ଜିଲାର ଜଣେ ରହଛନ୍ତି।

# ବେଆଇନ ଲିଙ୍ଗ ନିରୂପଣ କରୁଥିବା କ୍ଲିନିକ୍ ଉପରେ ଚଢ଼ାଉ

ସେମିଳିଗୁଡ଼ା,ସୁନାବେଡ଼ା,୧୧।୭
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ବେଆଇନ ଲିଙ୍ଗ ନିରୂପଣ ଅଭିଯୋଗର କୋରାପୁଟ ଜିଲା ସେମିଳିଗୁଡ଼ାସ୍ଥିତ ଦାଶରଥି ଓ୍ବର୍କ୍ସ ପ୍ଲାଜା ନାମକ ଏକ ଘରୋଇ କ୍ଲିନିକ୍ ଉପରେ ଗୁରୁବାର ସ୍ୱାସ୍ଥ୍ୟ ବିଭାଗ ଚଢ଼ାଉ କରାଯାଇଛି। ଚଢାଉ ବେଳେ ବ୍ୟବହୃତ ଅଲଟ୍ରାସାଉଣ୍ଡ ମେଶିକୁ ସିଲ୍ କରିଛି। ଏଥିରେ ସମ୍ପୃକ୍ତ ଆନ୍ଧ୍ର ପ୍ରଦେଶର ବିଶେଷଜ୍ଞ ଡାକ୍ତର ଅଶ୍ୱିନ ପଣ୍ଡାଙ୍କ ମୋବାଇଲ ଜବତ କରାଯାଇ ତାଙ୍କୁ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳ ଓ ଏସ୍‌ପିଙ୍କ ନିର୍ଦ୍ଦେଶରେ ସ୍ୱାସ୍ଥ୍ୟ ବିଭାଗ ଏଡିପିଏଚ୍‌ଓଏଫ୍‌ଡବ୍ଲ୍ୟୁର ଅତିରିକ୍ତ ନିର୍ଦ୍ଦେଶକ ନୀଳମାଧବ ଶତପଥୀଙ୍କ ନେତୃତ୍ୱରେ ଏକ ୪ଜଣିଆ ଟିମ୍ ଏହି ଚଢାଉ କରିଥିଲା।

ଖବରରୁ ଜଣାପଡିଛି, ଦାଶରଥି ଓ୍ବର୍କ୍ସ ପ୍ଲାଜାରେ ବିନା ଲାଇସେନ୍ସରେ ବେଆଇନ ଭାବେ ଅଲଟ୍ରାସାଉଣ୍ଡ ମେଶିନରେ ଲିଙ୍ଗ ନିରୂପଣ କରାଯାଉଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ଜିଲାପାଳ ଭି. କୀର୍ତ୍ତିଭାସନ ସମ୍ପୃକ୍ତ କେନ୍ଦ୍ର ଉପରେ ଚଢାଉ ଲାଗି ନିର୍ଦ୍ଦେଶ ଦେଇଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ସେମିଳିଗୁଡ଼ା ଓ ସୁନାବେଡ଼ା ପୋଲିସ ମିଳିତ ଭାବେ ଅପରାହ୍ନ ୨ଟାରେ ସମ୍ପୃକ୍ତ କ୍ଲିନିକ୍ ଉପରେ ଚଢାଉକରି ତନ୍ନତନ୍ନ କରି ଯାଞ୍ଚ କରିଥିଲେ। ସେଠାରେ ଥିବା ଏକ କୋଠରିରୁ ଅଲଟ୍ରାସାଉଣ୍ଡ ମେଶିନ ମିଳିବା ପରେ ଅଧିକାରୀମାନେ ଏହାକୁ ଜବତ କରିଥିଲେ। ମେଶିନ ସମ୍ପର୍କରେ କ୍ଲିନିକ୍ ମାଲିକ ପ୍ରତାପ ସ୍ୱାଇଁଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ ସେମିଳିଗୁଡା ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ନାୟକଙ୍କ ଉପସ୍ଥିତିରେ ଏହି ମେଶିନକୁ ସିଲ୍ କରାଯାଇଥିଲା। ମେଶିନ ଚଳାଇବା ଅଭିଯୋଗରେ ଆନ୍ଧ୍ରର ଡାକ୍ତର ପଣ୍ଡାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଛି।



ଅଧିକାରୀମାନେ ଅଲଟ୍ରାସାଉଣ୍ଡ ମେଶିନକୁ ସିଲ୍ କରୁଛନ୍ତି।

### ଅଲଟ୍ରାସାଉଣ୍ଡ ମେଶିନ ଜବତ

ତାଙ୍କ ମୋବାଇଲ ଜବତ ହେବା ସହ ତାଙ୍କୁ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ ବିନା ଲାଇସେନ୍ସ ଅବା ଜିଲା ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗର ବିନା ଅନୁମତିରେ ଦୀର୍ଘଦିନ ଧରି ଏଠାରେ ଅଲଟ୍ରାସାଉଣ୍ଡ ମେଶିନରେ ବେଆଇନ ଭାବେ ଲିଙ୍ଗ ନିରୂପଣ ଚାଲିଥିବା ନେଇ ପ୍ରଶାସନ କିପରି ଜାଣିପାରି ନ ଥିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କ୍ଲିନିକ୍‌ରେ ବେଆଇନ ଅଲଟ୍ରା ସାଉଣ୍ଡ ମେଶିନ ଚାଲୁଥିବା ସମ୍ପର୍କରେ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଜଣାପଡିବ ବୋଲି ଡାକ୍ତର ଶତପଥୀ କହିଛନ୍ତି । ସେମିଳିଗୁଡ଼ା ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ, ସୁନାବେଡ଼ା ଥାନା ଏସ୍‌ଆଇ ଚରଣ ସିଂ ମାଝି, ସ୍ୱାସ୍ଥ୍ୟ ବିଭାଗ ସହକାରୀ ମ୍ୟାନେଜର ସୂର୍ଯ୍ୟ ମହାପାତ୍ର, ବାଳକୃଷ୍ଣ ମଣ୍ଡଳ ପ୍ରମୁଖ ଚଢାଉରେ ସାମିଲ ଥିଲେ।

# ହେରାପଞ୍ଚମୀରେ ପ୍ରଭୁଙ୍କ ରଥ ଭାଙ୍ଗିଲେ ମହାଲକ୍ଷ୍ମୀ



ବିମାନରେ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରୁଛନ୍ତି ମହାଲକ୍ଷ୍ମୀ ।

ଜୟପୁର/କୋରାପୁଟ/ଦାମନଯୋଡି, ୧୧।୭ (ପବନ ପାଣିଗ୍ରାହୀ/ଅମିତାଭ ବେହେରା/ମାନସ ରଞ୍ଜନ କର)

ରଥଯାତ୍ରା ଅବସରରେ ମାଉସୀ ଘରକୁ ଯାତ୍ରା କରି ଜୟପୁର ବାଙ୍କମଠସ୍ଥିତ ଆଡପମଣ୍ଡପରେ ଲୀଳାଖେଳା କରୁଥିବା ମହାପ୍ରଭୁଙ୍କୁ ଫେରାଇ ଆଣିବା ଲାଗି ଗୁରୁବାର ମହାଲକ୍ଷ୍ମୀ ବିମାନ ଯୋଗେ ଯାଇ ଅଭିମାନରେ ରଥକୁ ଭାଙ୍ଗି ଫେରି ଆସିଛନ୍ତି। ଏହି ଅବସରରେ ହେରା ପଞ୍ଚମୀ ନୀତି ସମ୍ପନ୍ନ ହୋଇଥିଲା। ବଳଭଦ୍ର ନରସିଂହ ଓ ଜଗନ୍ନାଥ ନାରାୟଣ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଜଗନ୍ନାଥଙ୍କ ମୁଖ୍ୟ ପୂଜକ ଡମ୍ବରୁଧର ପଣ୍ଡା ଓ ଜଗନ୍ନାଥ ତ୍ରିପାଠୀ ନୀତିକାନ୍ତ ତୁଲାଇଥିଲେ। ସେହିପରି ପୁରୁଣାଗଡ ଆଡ଼ପ ମଣ୍ଡପରେ ମଧ୍ୟ ଶ୍ରୀ ଜୀଉଙ୍କ ବେଶ ସମ୍ପନ୍ନ ହୋଇଥିଲା। ସେହିପରି କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ଗୁଣ୍ଡିଚା ମନ୍ଦିରର ଆଡପ ମଣ୍ଡପରେ ଶ୍ରଦ୍ଧାଳୁଙ୍କୁ ବିଭିନ୍ନ ବେଶରେ ଦର୍ଶନ ଦେଉଥିବା ଶ୍ରୀଜୀଉ ଗୁରୁବାର ଲକ୍ଷ୍ମୀ ନୃସିଂହ ଅବତାର ହୋଇଥିଲେ। ସକାଳୁ ଶ୍ରୀଜୀଉଙ୍କ ସମସ୍ତ ନୀତି ପରେ ଅପରାହ୍ନରେ ଠାକୁରଙ୍କୁ ଲକ୍ଷ୍ମୀ ନୃସିଂହ ବେଶ କରାଯାଇଥିଲା। ଏହି ଦୁର୍ଲଭ ବେଶ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା। ସେହିପରି ଦାମନଯୋଡିରେ ରୀତିନୀତି ଅନୁସାରେ ପବିତ୍ର ହେରାପଞ୍ଚମୀ ଓ ମହାପ୍ରଭୁଙ୍କ ନରସିଂହ ଅବତାର ବେଶ ଗୁରୁବାର ସମ୍ପନ୍ନ ହୋଇଛି। ସନ୍ଧ୍ୟା ଆଳତି ପରେ ସେକ୍ଟର-୧ ଶ୍ରୀଜଗନ୍ନାଥ ମନ୍ଦିରରୁ ମା'ଲକ୍ଷ୍ମୀ ଏକ ସୁସଜ୍ଜିତ ବିମାନରେ ସେକ୍ଟର- ୩ସ୍ଥିତ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥିଲେ। ମା'ଲକ୍ଷ୍ମୀ ପହଞ୍ଚିବା ପରେ ତାଙ୍କୁ ପୂଜାର୍ଚ୍ଚନା କରାଯାଇ ମହାପ୍ରଭୁଙ୍କ ସହ ଭେଟ କରାଯାଇଥିଲା। ପରମ୍ପରା ଅନୁଯାୟୀ ଫେରିବା ବାଟରେ ମାଆ ରଥର କିଛି ଅଂଶ ଭାଙ୍ଗି ଫେରିଥିଲେ। ଫଳରେ ଏହାପରଠାରୁ ବାହୁଡ଼ାଯାତ୍ରାପାଇଁପ୍ରସ୍ତୁତିଆରମ୍ଭହୋଇଥାଏ।

### ଶାବର ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଲକ୍ଷ୍ମୀ ନୃସିଂହ ଅବତାର

# ବିଦ୍ୟାଳୟ ପକ୍ଷରୁ ସଚେତନତା ଶୋଭାଯାତ୍ରା



ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ଗ୍ରାମ ପରିକ୍ରମା କରୁଛନ୍ତି।

କୋରାପୁଟ,୧୧।୭(ଅମିତାଭ ବେହେରା)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକରେ ଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମ୍ୟାଲେରିଆରେ ଆକ୍ରାନ୍ତ ହେଉଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଚିନ୍ତା ପ୍ରକଟ କରିଛି। ଏନେଇ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଉପରେ ବିଭାଗ ଗୁରୁତ୍ୱାରୋପ କରିଛି। ବୁଧବାର ଡୁମୁରିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୦ ଜଣ ପିଲାଙ୍କ ରକ୍ତ ନମୁନାରୁ ମ୍ୟାଲେରିଆ ଚିହ୍ନଟ ହୋଇଥିଲା। ପରେ ସେହି ଛାତ୍ରୀଛାତ୍ରଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିକିତ୍ସା କରାଯାଇଛି। ଗୁରୁବାର ବିଦ୍ୟାଳୟ ପକ୍ଷରୁ ଡୁମୁରିପଦର ଗ୍ରାମରେ ଛାତ୍ରୀଛାତ୍ରଙ୍କୁ ନେଇ ମ୍ୟାଲେରିଆ ଓ ଡେଙ୍ଗୁ ସମ୍ପର୍କରେ ସଚେତନା ଶେଭାଯାତ୍ରା କରାଯାଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଏସ୍‌ଏମ୍‌ସି ସଦସ୍ୟ ଓ ଅଭିଭାବକମାନେ ସାମିଲ ହୋଇଥିଲେ। ବିଭିନ୍ନ ସଚେତନତାମୂଳକ ବାର୍ତ୍ତା ଲିଖିତ ବ୍ୟାନରରେ ମ୍ୟାଲେରିଆ ଓ ଡେଙ୍ଗୁର ଲକ୍ଷଣ ଓ ନିରାକରଣ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା।

### ଛାତ୍ରୀଛାତ୍ରଙ୍କ ମ୍ୟାଲେରିଆ ପଜିଟିଭ ବାହାରିବା ଘଟଣା

### ରାମ ମନ୍ଦିର ଭିତ୍ତିପ୍ରସ୍ତର ସ୍ଥାପନ

କୋଷାଗୁମୁଡ଼ା, ୧୧।୭(ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ସଦର ମହକୁମାରେ ଗୁରୁବାର ରାମ ମନ୍ଦିର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବହୁ ଦିନରୁ ଯୁବକ ଓ ସ୍ଥାନୀୟ ବାସିନ୍ଦା ରାମ ମନ୍ଦିର ପାଇଁ ପ୍ରସ୍ତାବ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ବିଡିଓ ଆଶିଷ ତ୍ରିପାଠୀ, ଭାଜପା ଜିଲା ଯୁବ ମୋର୍ଚ୍ଚା ସଭାପତି ଶୁଭଜିତ୍ ପାଣିଗ୍ରାହୀ, କୁକୁ ବାବୁ, କୋଷାଗୁମୁଡ଼ା ବ୍ଲକ୍ ଭାଜପା କାର୍ଯ୍ୟକର୍ତ୍ତା, ସ୍ଥାନୀୟ ଯୁବକ, ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ମହିଳାମାନେ ଉପସ୍ଥିତ ଥିଲେ। ରୀତିନୀତି ଅନୁସାରେ ପୂଜା ପାଠ କରାଯାଇ ଭୂମି ପୂଜନ କରାଯାଇଛି।

### ସାହିତ୍ୟ ପରିଷଦ ଗୃହ ନିର୍ମାଣ ଭୂମିପୂଜା

ଜୟପୁର,୧୧।୭(ପବନ ପାଣିଗ୍ରାହୀ)

ପବିତ୍ର ହାରାପଞ୍ଚମୀରେ ଜୟନଗର ନେତାଜୀ ପାର୍କ ନିକଟରେ ଜୟପୁର ସାହିତ୍ୟ ପରିଷଦର ଭବନ ନିର୍ମାଣ ନେଇ ଭୂମି ପୂଜା ହୋଇଛି। ସଭାପତି ହରିହର କରସୁଧା ପଟ୍ଟନାୟକ, ଉପସଭାପତି ମଧୁସୂଦନ ମିଶ୍ର, ଉପଦେଷ୍ଟା ଡ଼ ଯୁଗଳ ମିଶ୍ର, ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ, ସହ ସମ୍ପାଦକ ଡ. ସୁଧାଂଶୁ ଶେଖର ପଟ୍ଟନାୟକ, ସଂଯୋଜକ ନବକୃଷ୍ଣ ରଥ, ସଭ୍ୟ ପ୍ରଫୁଲ୍ଲ ଦାସ, ଅଶୋକ ପଲେଇ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବାଲ୍ ସ୍ୱାସ୍ଥ୍ୟ ଡେପୁଟି କମିଶନରଙ୍କ ଜୟପୁର ଗସ୍ତ



ଶିଶୁ ସ୍ୱାସ୍ଥ୍ୟ ଡେପୁଟି କମିଶନର ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

ଜୟପୁର, ୧୧।୭ (ପବନ ପାଣିଗ୍ରାହୀ)

ଶିଶୁ ସ୍ୱାସ୍ଥ୍ୟ ଡେପୁଟି କମିଶନର ସସ୍ମିତା ଗୁପ୍ତା ଜୟପୁର ଗସ୍ତକରି ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ତାଙ୍କ ସହ ବରିଷ୍ଠ ବିଶେଷଜ୍ଞ ସୁମିତ୍ରା ଧଳ ସାମନ୍ତ, ଆଦିତ୍ୟ ମହାପାତ୍ର, ନୀଳମାଧବ ଶତପଥୀ ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଶିଶୁରୋଗ ବିଶେଷଜ୍ଞ ଦୁର୍ଗାପ୍ରସାଦ ପାତ୍ର, ଦିଲୀପ ବିଶ୍ୱାଳ, ଗୌତମ ତ୍ରିପାଠୀ, ଡିପିଏମ୍ ଶୁଭକାନ୍ତ ଗନ୍ତାୟତ, ବିଭୁରଞ୍ଜନ ମୁଣ୍ଡ, ମ୍ୟାନେଜର ରୂପସୀ ମଧୁମିତା ନାୟକ, ତଥାଗତ ଦାସ, ସପନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

# ଛାତ୍ରୀଛାତ୍ରଙ୍କ ଆଧାର କାର୍ଡ ସଂଶୋଧନ ବ୍ଲକ୍‌ରେ କରା ନ ଯାଇ ପଞ୍ଚାୟତରେ କରିବାକୁ ଦାବି

ମାଲକାନଗିରି, ୧୧।୭ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଓକାକ୍ ସାଧାରଣ ପରିଚାଳକଙ୍କୁ ଚିଠି ସଂଖ୍ୟା ୯୫୨/୧୧।୭।୨୪ ପ୍ରକାରେ ଚିଠି କରାଯାଇଛି। ଏହି ଚିଠିରେ ଉଲ୍ଲେଖ ରହିଛି, ଖଇରପୁଟ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ସମସ୍ତ ପଞ୍ଚାୟତର ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ନୂତନ ଆଧାର କାର୍ଡ ଓ ସଂଶୋଧନ ପ୍ରକ୍ରିୟା ଜୁଲାଇ ୧୨ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ କରିବା ପାଇଁ ଆଦେଶ ଦିଆଯାଇଛି। ଏଥିସହ ଏହି ଚିଠିର ନକଲ ସମସ୍ତ ସିଆର୍‌ସିସି ଓ ପ୍ରଧାନ ଶିକ୍ଷକମାନଙ୍କୁ ନିର୍ଦ୍ଦିଷ୍ଟ ତାରିଖ ମଧ୍ୟରେ ସେମାନଙ୍କ ଛାତ୍ରୀଛାତ୍ରଙ୍କୁ ଆଣି କାର୍ଡ ସଂଶୋଧନ ପାଇଁ ଆଦେଶ ଦେଇଛିନ୍ତି। ତେବେ ଏହି ଆଦେଶକୁ ବଣ୍ଡାଘାଟିରେ ଥିବା ୫ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ଅଭିଭାବକମାନେ ବିରୋଧ କରିଛନ୍ତି।

ସେମାନେ କହିଛନ୍ତି, ବଣ୍ଡାଘାଟିରେ ଥିବା ଅଣ୍ଡ୍ରାହାଲ ପଞ୍ଚାୟତର ଅନେକ ବିଦ୍ୟାଳୟ ସଦର ବ୍ଲକଠାରୁ ୨୫ ରୁ ୩୦ କି.ମି.ଦୂର ରହିଛି। ଅନେକ ଘାଟି, ଜଙ୍ଗଲ କଚ୍ଚା ରାସ୍ତା ଥିବା ବେଳେ ଛାତ୍ରୀଛାତ୍ରମାନେ ଏତେଦୂର ଯିବା ସମ୍ଭବ ନୁହେଁ । ତେଣୁ ପ୍ରତି ପଞ୍ଚାୟତରେ ନୂତନ ଆଧାର କାର୍ଡ ଓ ପୁରୁଣା କାର୍ଡ ସଂଶୋଧନ କେନ୍ଦ୍ର କରାଗଲେ ଛାତ୍ରୀଛାତ୍ରମାନେ ସୁବିଧାରେ କାର୍ଡ ସଂଶୋଧନ ଓ ନୂତନ ଆଧାର କାର୍ଡ କରିପାରିବେ ବୋଲି ଦାବି କରିଛନ୍ତି।

ଏ ସମ୍ପର୍କରେ ଖଇରପୁଟ ବ୍ଲକ ଶିକ୍ଷାଧିକାରୀ ବୀରେନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ଯେଉଁ ଚିଠି କରାଯାଇଛି ଶୁକ୍ରବାର ତା'ର ପରିବର୍ତ୍ତନ କରାଯିବ । ଘାଟି ଉପରେ ଥିବା ସବୁ ବିଦ୍ୟାଳୟ କେନ୍ଦ୍ରସ୍ଥଳୀ ୩ ପଞ୍ଚାୟତରେ ଏହି ଆଧାର କେନ୍ଦ୍ର କରିବା ପାଇଁ ନିର୍ଦ୍ଦେଶ ଦିଆଯିବ ।

ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁ କହିଛନ୍ତି, ଯେଉଁ ବିଦ୍ୟାଳୟଗୁଡିକରେ ଅଧିକ ସଂଖ୍ୟକ ପିଲା ଅଛନ୍ତି, ସେହି ବିଦ୍ୟାଳୟରେ କ୍ୟାମ୍ପ ମାଧ୍ୟମରେ ଆଧାର ସଂଶୋଧନ ଓ ନୂତନ ଆଧାର କାର୍ଡ କରାଯିବ । ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ପରାମର୍ଶ ଦିଆଯିବ ବୋଲି କହିଥିଲେ।

## ଖବର ପ୍ରକାଶ ପରେ ସିୟୁଓରେ ଆରମ୍ଭ ହେଲା ନିଃଶୁଳ୍କ ସିଭିଲ ସର୍ଭିସ କୋଚିଂ

### ଧରିତ୍ରୀ ପ୍ରଭାବ

କୋରାପୁଟ/ସୁନାବେଡା,୧୧।୭
(ଅମିତାଭ ବେହେରା/କୃତ୍ତିବାସ ପ୍ରଧାନ)

କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ (ସିୟୁଓ)ରେ ଛାତ୍ରୀଛାତ୍ରମାନେ ନିଃଶୁଳ୍କ ସିଭିଲ ସର୍ଭିସ କୋଚିଂରେ ନାମ ଲେଖାଇ ଥିବା ବେଳେ ପାଠ ପଢାରେ ବିଳମ୍ବ ନେଇ ଗତ ୧୦ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହା ପରେ ସିୟୁଓ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଗୁରବାରଠାରୁ ବିଶ୍ୱ ବିଦ୍ୟାଳୟରେ ଏସସି ଓ ଓବିସି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ନିଃଶୁଳ୍କ ସିଭିଲ ସର୍ଭିସ କୋଚିଂ ଆରମ୍ଭ ହୋଇଛି। ସିୟୁଓର ଡ. ଆମ୍ବେଦକର ସେଣ୍ଟର ଅଫ ଏକ୍ସଲେନ୍ସ (ଡିଏସିଇ) ଅଧୀନରେ ଏହା ହେଉଛି। ଦ୍ୱିତୀୟ ବ୍ୟାଚରେ ୭୮ ଜଣ ଛାତ୍ରୀଛାତ୍ର ଏହି କୋଚିଂ ପାଇବା ପାଇଁ ନାମ ଲେଖାଇଛନ୍ତି। ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ (ଏମଓଏସଜେଇ) ଦ୍ୱାରା ପ୍ରାୟୋଜିତ ଏବଂ ନୂଆଦିଲ୍ଲୀସ୍ଥିତ ଡ.ଆମ୍ବେଦକର ସେଣ୍ଟର ଅଫ ଏକ୍ସଲେନ୍ସ ମାଧ୍ୟମରେ ଏସ୍‌ସି ଏବଂ ଓବିସି ଛାତ୍ରୀଛାତ୍ରଙ୍କ ପାଇଁ ଏକ ବର୍ଷିଆ ୟୁପିଏସସି ସିଭିଲ ସର୍ଭିସ କୋଚିଂ ପ୍ରଦାନ କରାଯାଉଛି ।

# ପୁରୁଷ ବନ୍ଧ୍ୟାକରଣରେ କୋରାପୁଟ ଜିଲା ରାଜ୍ୟରେ ପ୍ରଥମ: ସିଡିଏମଓ

କୋରାପୁଟ,୧୧।୭(ଅମିତାଭ ବେହେରା)

କୋରାପୁଟ ଜିଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁବାର ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ପୁରୁଷ ବନ୍ଧ୍ୟାକରଣରେ କୋରାପୁଟ ଜିଲା ରାଜ୍ୟର ପ୍ରଥମ ଜିଲା ଭାବେ ପୁରସ୍କୃତ ହେବାକୁ ମନୋନୀତ ହୋଇଥିବାବେଳେ ମହିଳା ବନ୍ଧ୍ୟାକରଣରେ ଜିଲା ରାଜ୍ୟର ଦ୍ୱିତୀୟ ଜିଲା ଭାବେ ପୁରସ୍କୃତ ହେବ ବୋଲି ଭାରପ୍ରାପ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍‌ଓ) ଡା. ସୁଶାନ୍ତ ଦାସ କହିଛନ୍ତି। ସିଡିଏମ୍‌ଓ କାର୍ଯ୍ୟାଳୟ ସଭା ଗୃହରେ ହୋଇଥିବା କାର୍ଯ୍ୟକ୍ରମରେ ଯୋଗଦେଇ ଡା. ଦାସ ପରିବାର ନିୟୋଜନରେ ରହିଥିବା ସ୍ଥାୟୀ ଓ ଅସ୍ଥାୟୀ ପଦ୍ଧତି ଉପରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ସହ ଏ କ୍ଷେତ୍ରରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। କୋରାପୁଟ ଜିଲା ପାଇଁ ୨୦୨୩-୨୪ରେ ପୁରୁଷ ବନ୍ଧ୍ୟାକରଣରେ ଧାର୍ଯ୍ୟ ଲକ୍ଷ୍ୟ ୮୨୨ ଜଣ ରଖାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୩୨୭ ଜଣଙ୍କ (୪୦ ପ୍ରତିଶତ) ବନ୍ଧ୍ୟାକରଣ କରାଯାଇଛି । ସେହିପରି ମହିଳା ବନ୍ଧ୍ୟାକରଣ କ୍ଷେତ୍ରରେ ଜିଲାର ଧାର୍ଯ୍ୟ ଲକ୍ଷ୍ୟ ୫ ହଜାର ୭୫୯ ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ୩ ହଜାର ୬୭୭ ଜଣ (୬୪ ପ୍ରତିଶତ)ଙ୍କୁ ବନ୍ଧ୍ୟାକରଣ କରାଯାଇଛି। ସେହିପରି କପର୍ଟି ଲଗାଇବା କ୍ଷେତ୍ରରେ ଜିଲା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ୮ହଜାର ୨୧୭ ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୦ ହଜାର ୨୬୫ ଜଣଙ୍କୁ (୧୨୫ ପ୍ରତିଶତ) କପର୍ଟି ଲଗାଯାଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ପରିବାର ନିୟୋଜନ ପାଇଁ କଣ୍ଡୋମ ବ୍ୟବହାର ନେଇ ଧାର୍ଯ୍ୟ ଲକ୍ଷ୍ୟ ୧୨ ହଜାର ୬୩୦ ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ୫ ହଜାର ୧୬୦ ଜଣ (୪୧ ପ୍ରତିଶତ)ଙ୍କୁ ପ୍ରଦାନ କରାଯାଇଛି । ସେହିପରି ଉପରୋକ୍ତ ଆର୍ଥିକ ବର୍ଷରେ ବିଭିନ୍ନ ଗର୍ଭ ନିରୋଧକ ବଟିକା ବ୍ୟବହାର ଧାର୍ଯ୍ୟ ଲକ୍ଷ୍ୟ ୭ ହଜାର ୪୩୦ ରଖାଯାଇଥିବାବେଳେ ଏଯାବତ୍ ୭ ହଜାର ୦୬୨ (୯୫ ପ୍ରତିଶତ) ସଫଳତା ହାସଲ କରିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗର ରିର୍ପୋଟରେ ଦର୍ଶାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଡିପିଏଚ୍‌ଓ (ପରିବାର ନିୟନ୍ତ୍ରଣ) ଡାକ୍ତର ନୀଳମାଧବ ଶତପଥୀ, ଏଡିପିଏଚ୍‌ଓ (ରୋଗ ନିୟନ୍ତ୍ରଣ) ଡା. ଶିବ ସାଇ ସ୍ୱରୂପ, ଏଡିପିଏଚ୍‌ଓ ତଥା ସୂଚନା ଅଧିକାରୀ ଡା. ମୁକ୍ତିକାନ୍ତ ଖଟୁଆ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଶୁଭକାନ୍ତ ଗନ୍ତାୟତ, ଏଡିପିପିଏଚ୍‌ଓ ଶୁଭ ନାରାୟଣ ନାୟକ ପ୍ରମୁଖ ଯୋଗଦେଇ ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ନିଜ ମତ ରଖିଥିଲେ । ଏହି ଅବସରରେ ଆଶାକର୍ମୀ, ଅଙ୍ଗନୱାଡି କର୍ମୀଙ୍କ ସହ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଉପସ୍ଥିତ ଥିଲେ।

- ବିଶ୍ୱ ଜନସଂଖ୍ୟା ଦିବସ ପାଳିତ
- ମହିଳ ବନ୍ଧ୍ୟାକରଣରେ ରାଜ୍ୟରେ ଦ୍ୱିତୀୟ ଜିଲା




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।



ନବରଙ୍ଗପୁରରେ ଶ୍ରୀଜୀଉଙ୍କ ଲକ୍ଷ୍ମୀ ନାରାୟଣ ବେଶ।



ଗୋପାଳ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ନୃସିଂହ ଅବତାରରେ ଦର୍ଶନ ଦେଉଛନ୍ତି।

# ହିତାଧିକାରୀଙ୍କ ଘରେ ଚାଉଳ ଦେବାକୁ ପରାମର୍ଶ

- ଖାଦ୍ୟ ସଚିବଙ୍କ ପାପଡ଼ାହାଣ୍ଡି ବ୍ଲକ୍ ଗସ୍ତ
- ଅଙ୍ଗନୱାଡି, ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ଯାଞ୍ଚ

ପାପଡ଼ାହାଣ୍ଡି, ୧୧।୭(ସ୍ୱପ୍ନଜିତ ପଟ୍ଟନାୟକ)

ଓଡ଼ିଶା ସରକାରଙ୍କ ରାଜ୍ୟ ଖାଦ୍ୟ ସଚିବ ଇଂ ଅବନିକାନ୍ତ ସାହୁ ୨ଦିନିଆ ନବରଙ୍ଗପୁର ଜିଲା ଗସ୍ତରେ ଆସି ଗୁରୁବାର ପାପଡ଼ାହାଣ୍ଡି ବ୍ଲକର ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ପ୍ରଥମେ ପାପଡ଼ାହାଣ୍ଡି ବ୍ଲକ ସେମଳା ସଦର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଚାଉଳ ମାନ ଯାଞ୍ଚ ଓ ଚାଉଳ ବସ୍ତା ଓଜନ କରାଇଥିଲେ। ବସ୍ତାରେ ଚାଉଳ ଓଜନ ଠିକ୍ ଥିବା ଜାଣିବାକୁ ପାଇଥିଲେ। ପଞ୍ଚାୟତ ଗୋଦାମରେ ସୂଚନା ଫଳକ ଗୁରୁବାର ଲଗା ଯାଇଥିବାରୁ ଖାଦ୍ୟ ସଚିବ ସଭ୍ୟ ଦୟାନିଧି ଦାସ ବିଗିଡ଼ିଯାଇଥିଲେ। ପଞ୍ଚାୟତରେ ଚାଉଳ ନେବାକୁ ଆସିଥିବା ହିତାଧିକାରୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଯେଉଁ ହିତାଧିକାରୀ କାର୍ଯ୍ୟାଳୟକୁ ଆସି ଚାଉଳ ନେବାକୁ ଅସମର୍ଥ ସେମାନଙ୍କ ଘରେ ଚାଉଳ ପହଞ୍ଚାଇବାକୁ କର୍ମଚାରୀମାନଙ୍କୁ କହିଥିଲେ।



ଅଧିକାରୀମାନେ ଛତୁଆ ପ୍ରସ୍ତୁତି ତଦାରଖ କରୁଛନ୍ତି।

ଏହାପରେ ସେଠାରୁ ନିକଟରେ ଥିବା ସେମଳା ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ଅଙ୍ଗନୱାଡି କେନ୍ଦ୍ର ପିଲାମାନେ ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଅଙ୍ଗନୱାଡି ଶିଶୁମାନଙ୍କୁ ଖାଦ୍ୟ ବିଷୟରେ ପଚାରି ବୁଝିଥିଲେ। ପିଲାମାନଙ୍କ ଖାଇବା ,ପିଇବା ଓ ପରିବେଶ ସଫା ଦେଖି ଖୁସି ବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ମଧ୍ୟ ଏଭଳି ରଖିବାକୁ ଅଙ୍ଗନୱାଡି କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ପରେ ସେମଳାରେ ପ୍ରସ୍ତୁତ ହୋଉଥିବା ଛତୁଆ କେନ୍ଦ୍ର ଗସ୍ତ କରିଥିଲେ। କେନ୍ଦ୍ରର ଗୋଦାମ ଗୃହ, ଛତୁଆ ପ୍ରସ୍ତୁତି ଆଦି ଦେଖିଥିଲେ। ଛତୁଆର ପ୍ରସ୍ତୁତି ବିଷୟରେ ଏସ୍‌ଏଚ୍‌ଜି ମହିଳାଙ୍କ ସହ ଆଲୋଚନା କରିଥିଲେ। ଶେଷରେ ଧନସୁଲି ଆଶ୍ରମ ବିଦ୍ୟାଳୟ, ଦଳେଇଗୁଡ଼ା ଆଶ୍ରମ ବିଦ୍ୟାଳୟ ଏବଂ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନକରି ଖାଦ୍ୟ ବିଷୟରେ ଆଲୋଚନା କରିଥିଲେ। ପିଲାଙ୍କୁ କ'ଣ ଖାଇବାକୁ ଦିଆଯାଉଛି ଦେଖିଥିଲେ । ରୋଷେୟାଙ୍କୁ ରୋଷେଇ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଗସ୍ତ ସମୟରେ ଦୟାନିଧି ଦାସ, ଓଏସ୍‌ଏଫ୍‌ସି ବରିଷ୍ଠ ସଚିବ ଲିଙ୍ଗରାଜ ସାହୁ, ପାପଡ଼ାହାଣ୍ଡି ବିଡିଓ କପିଳଦେ ସାହୁ, ଜିପିଓ ଅକ୍ଷୟ ପଟ୍ଟନାୟକ, ସିଡିପିଓ ଏସ୍. ଗୀତା ପ୍ରମୁଖ ଉପସ୍ଥିତ ଥିଲେ। ପରେ ସେ ପାପଡ଼ାହାଣ୍ଡି ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ସମୀକ୍ଷା ବୈଠକ କରିଥିଲେ।

# ଜିଲାସ୍ତରୀୟ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ

ମାଲକାନଗିରି, ୧୧।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିର ଜିଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ୍ ବୈଠକଗୃହରେ ଏଡିଏମ୍ ବେଦବର ପ୍ରଧାନଙ୍କ ଅଧକ୍ଷତାରେ ଜିଲାସ୍ତରୀୟ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା।

ସମ୍ମାନନୀୟ ଅତିଥି ଭାବେ ଜିଲା ପରିଷଦ ସିଡିଓ -ଇଓ ନରେଶ ଚନ୍ଦ୍ର ଶବର, ମୁଖ୍ୟ ବକ୍ତା ଜଗେଶ୍ୱର ନାୟକ ଓ ଡ଼. ଧନେଶ୍ୱର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହ ଜଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ମହମ୍ମଦ ଅଭିଦ ହୁସେନ, ଜିଲା ଚିକିତ୍ସା ଅଧିକାରୀ ଡା.ବ୍ରଜବନ୍ଧୁ ଦାଶ, ଜିଲା କାର୍ଯ୍ୟକ୍ରମ ପରିଚାଳକ ସସ୍ମିତା ସାହୁ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଉପସ୍ଥିତ ରହି ବୈଠକରେ ଭାଗ ନେଇଥିଲେ। ଏହା ସହ ଭିଡିଓ କନଫରେନ୍ସ ଦ୍ୱାରା ସମସ୍ତ ବ୍ଲକର ବିଡିଓ, ସିଡିପିଓ ଏବଂ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ବିଭାଗ ଆଧିକାରୀ ଏବଂ ଅନ୍ୟମାନେ ସାମିଲ ହୋଇଥିଲେ। ଗତ ୧ ତାରିଖରୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଏହି ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ଚାଲୁ ରହିବ। ଏହି ସମୟରେ ସ୍ୱାସ୍ଥ୍ୟ ବିଭାଗ ଏବଂ ସମନ୍ୱିତ ଶିଶୁ ବିକାଶ ଯଜନାର ଆଶା କର୍ମୀ ଏବଂ ଅଙ୍ଗନୱାଡି କର୍ମୀମାନେ ଘରକୁ ଘର ବୁଲି ମ୍ୟାଲେରିଆ, ଡେଙ୍ଗୁ, ଡ଼ାଇରିଆ, ଯକ୍ଷ୍ମା, କୁଷ୍ଠ ଓ ଟୀକାକରଣ ପାଇନଥିବା ଶିଶୁ ତଥା ହେପାଟାଇଟିସ୍- ବି ପରୀକ୍ଷା ହୋଇ ନ ଥିବା ଗର୍ବବତୀଙ୍କୁ ଚିହ୍ନଟ ପାହିଁ ସର୍ବେକ୍ଷଣ କରିବେ । ବୈଠକରେ ଜଲା ମଶା ବାହିତ ରୋଗ ପରାମର୍ଶଦାତା ଅଜିତ କୁମାର ଦଳାଇ, ଏପିଡେମିଓଲୋଜିଷ୍ଟ ଡ଼ା. ଦୁର୍ଗା ପ୍ରସାଦ ରାଜ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶ୍ୟାମ ସୁନ୍ଦର ମାଝୀ ଏବଂ ଅନ୍ୟମାନେ ସହଯୋଗ କରିଥିଲେ।




ବୈଠକରେ ଉପସ୍ଥିତ ଅଧିକାରୀମାନେ ।

# କାଳିମେଳାରେ ଖେଳ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ

କାଳିମେଳା, ୧୧।୭(ଜୀବନ କୃଷ୍ଣ ଦାସ )

କାଳିମେଳା ବ୍ଲକ ତରଫରୁ କାଳିମେଳା ପଞ୍ଚାୟତରେ ବିଭିନ୍ନ ଯୁବକ ସଂଘ କର୍ମକର୍ତା ମାନଙ୍କୁ ଖେଳ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମାଲକାନଗିରି ବିଧାୟକ ନରସିଂହ ମାଡକାମି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବକ ସଂଘ କର୍ମକର୍ତାଙ୍କୁ କ୍ରୀଡା ସାମଗ୍ରୀ ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସୁବାସିନି ସୋଡ଼ୀ, ବିଡିଓ ପ୍ରଦୀପ କର, ସରପଞ୍ଚ ପୃଥୀରାଜ ମାଝୀ, ଭାଜପା ନେତା ନିହାର ରାୟ । କାଳିମେଳା ଭାଜପା ମଣ୍ଡଳ ସଭାପତି ରତ୍ନାକର ପାଣିଗ୍ରାହୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଉତ୍ତମ ରାୟ, କାର୍ତ୍ତିକ ଦେବନାଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଖେଳାଳିମାନଙ୍କୁ କ୍ରିକେଟ କିଟ, ଭଲିବଲ, ଫୁଟବଲ, କ୍ୟାରମ, ବାସ୍କେଟବଲ, ବ୍ୟାଡମିଣ୍ଟନ, ଚେସ, ଖୋ ଖୋ ସମାଗ୍ରୀ ସହ ଜିମ୍ ସାମଗ୍ରୀ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିପିଇଓ ଦେବେନ୍ଦ୍ର ନାଥ ନାୟକ, କାଳିମେଳା ପଞ୍ଚାୟତ ପିଇଓ ଏନ୍. ସ୍ୱାତୀ, ଏସ୍‌ଡିଇଓ ନବଘନ ପଡିଆମି ଏବଂ ଯୋଗାଣ ସହାୟକ ପ୍ରତାପ ଚନ୍ଦ୍ର ପତିଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା ।



ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ବିଭିନ୍ନ ଖେଳ ସାମଗ୍ରୀ ବଣ୍ଟନ କରୁଛନ୍ତି ।

# ଯତ୍ନବାନ୍ ହୋଇ ଦାୟିତ୍ୱ ତୁଲାଇବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ

## ଜିଲାସ୍ତରୀୟ ଓଜନ, ଉଚ୍ଚତା ନିରୀକ୍ଷଣ ତାଲିମ ଶିବିର

ନବରଙ୍ଗପୁର, ୧୧।୭
(ସଦାଶିବ ପ୍ରହରାଜ)

ପଞ୍ଚାୟତ ସାଧନ କେନ୍ଦ୍ର କକ୍ଷରେ ଜିଲାସ୍ତରୀୟ ଓଜନ ଏବଂ ଉଚ୍ଚତା ନିରୀକ୍ଷଣ ତାଲିମ କାର୍ଯ୍ୟକ୍ରମ କରାଯାଇଛି। ଜିଲାପାଳ ଡ. କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ତାଲିମ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ମତ ଦେଇଥିଲେ। ଶିଶୁଙ୍କ ଓଜନ ଓ ଉଚ୍ଚତା ନିର୍ଭୁଲ୍ ନିରୀକ୍ଷଣ ପାଇଁ ତାଲିମ ସହାୟକ ହୋଇପାରିବ ବୋଲି ସେ କହିଥିଲେ। ଯଦି ଅଙ୍ଗନୱାଡି କର୍ମୀ ଠିକ୍ ସମୟରେ ଯେ କୌଣସି ଶିଶୁଙ୍କର ଓଜନ ଓ ଉଚ୍ଚତା ବୟସ ଅନୁସାରେ ପୋଷଣ ଟ୍ରାକରରେ ପୂରଣ କରିବେ ନିଶ୍ଚିତ ଭାବରେ ଠିକ୍ ତଥ୍ୟ ଜିଲା ଓ ରାଜ୍ୟସ୍ତରକୁ ଯାଇ ପାରିବ ବୋଲି ସେ କହିଥିଲେ। ଏ ଦିଗରେ ବିଭାଗୀୟ ଅଧିକାରୀ କର୍ମଚାରୀ ଯତ୍ନବାନ୍ ହୋଇ ନିଜ ଦାୟିତ୍ୱ ତୁଲାଇବାକୁ ଜିଲାପାଳ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ଜିଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଜିଲାସ୍ତରୀୟ ତାଲିମ ଶିବିରରେ ପ୍ରୋଗ୍ରାମ ଅଫିସର ରେଖା ଶୋଭା ସୁନ୍ଦର, ଜିଲା ପୋଷଣ ସଂଯୋଜକ ହେମରାଜ ଦଣ୍ଡସେନା, ଜିଲା ପ୍ରୋଗ୍ରାମ ମ୍ୟାନେଜର ସୁକାନ୍ତ କୁମାର ପାତ୍ର, ଜିଲା ମମତା ସଂଯୋଜକ ବିଶ୍ୱଜିତ୍ ମହାନ୍ତି, ମିଶନ ଶକ୍ତି ଜିଲା ସଂଯୋଜୋକ ହର୍ଷନନ୍ଦ ପ୍ରଧାନ ଉପସ୍ଥିତ ଥିଲେ। ସେମାନଙ୍କ ବ୍ୟତୀତ ଚନ୍ଦାହାଣ୍ଡି, ଡାବୁଗାଁ, ଝରିଗାଁ, ନବରଙ୍ଗପୁର ରାଇଘର ପ୍ରକଳ୍ପର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପର ଭାଇଜର, ମିଶନ ଶକ୍ତି ବିପିସି, ମମତା ପିଏ ଓ ପୋଷଣ ବ୍ଲକ ସଂଯୋଜକ ପ୍ରମୁଖ ସାମିଲ ହୋଇଥିଲେ। ୟୁନିସେଫ୍‌ର ଶତେଶ୍ୱର ନାୟକ ଓ ଧବଳ ସାବତ ସମସ୍ତଙ୍କୁ ତାଲିମ ପ୍ରଦାନ କରିଥିଲେ।

# ନବରଙ୍ଗପୁର ବିଧାୟକଙ୍କ ମାରାଥନ ଗସ୍ତ

ନବରଙ୍ଗପୁର, ୧୧।୭ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ବ୍ଲକ ମେଞ୍ଚାର ସରକାରୀ ପ୍ରାଥମିକ ବିଦ୍ୟାଳୟ ଅତିରିକ୍ତ ଶ୍ରେଣୀ ଗୃହକୁ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଉଦଘାଟନ କରିଛନ୍ତି। ଛାତ୍ରୀଛାତ୍ରମାନେ ପାଠ ପଢିବା ପାଇଁ ଶ୍ରେଣୀ ଗୃହର ଆବଶ୍ୟକତା ଥିଲା । ତେଣୁ ଏହି ଅତିରିକ୍ତ ଶ୍ରେଣୀଗୃହ ଉଦ୍‌ଘାଟନ ପରେ ଛାତ୍ରୀମାନେ ଖୁସି ଥିବା କହିଛନ୍ତି। ଶିକ୍ଷୟତ୍ରୀ ଶିକ୍ଷକ, ପାଚିକା ଓ ଛାତ୍ରୀଛାତ୍ରଙ୍କ ସହିତ ମଧାହ୍ନ ଭୋଜନ ଓ ପାଠପଢ଼ା ଉପରେ ଆଲୋଚନା କରିଥିଲେ।

ପରେ ନବରଙ୍ଗପୁର ମ୍ୟୁନିସିପାଲଟି ଅଫିସରେ ପରିମଳ ବ୍ୟବସ୍ଥା ଏବଂ ବିକାଶ ମୂଳକ କାର୍ଯ୍ୟକୁ ନେଇ ଖର୍ଚ୍ଚ ଆକଳନ ଉପରେ ଆଲୋଚନା କରିଥିଲେ। ପୌରାଧକ୍ଷ କୁନୁ ନାୟକ ସମେତ ନିର୍ବାହୀ ଅଧିକାରୀ, କର୍ମଚାରୀ ଓ କାଉନସିଲରଙ୍କ ସହ ଆଲୋଚନା କରିଥିଲେ। ପରେ ବିଧାୟକ ମାଝି କୋଷାଗୁମୁଡ଼ାରେ ରାମ ମନ୍ଦିର ନିମନ୍ତେ ଭୂମିପୂଜନ କାର୍ଯ୍ୟକ୍ରମରେ ଯୋଗ ଦେଇ ଭୂମିପପୂଜା କରିଥିଲେ। କୋଷାଗୁମୁଡା ମାଉସୀ ମା ମନ୍ଦିରରେ ତିନି ଠାକୁରଙ୍କ ଆଳତୀ ଦର୍ଶନ କରି ଥିଲେ। ଏହାପରେ କୋଷଗୁମୁଡା ବ୍ଲକ ବିଡ଼ିଓ ଆସିତ ତ୍ରିପାଠୀଙ୍କ ସହ ବିକାଶ ମୂଳକ କାର୍ଯ୍ୟ ଉପରେ ଆଲୋଚନା କରିବା ସହ ଅଧୁରା କାର୍ଯ୍ୟ ତୁରନ୍ତ ସାରିବାକୁ ପରାମର୍ଶ ଦେଇଥିଲେ। ବଡ ଆମ୍ବଡ଼ାରେ ମହିଳା ଶ୍ରମିକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ପରେ ବରଗାଁ ଗ୍ରାମବାସୀ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଥିଲେ।



କୋଷାଗୁମୁଡା ବିଡିଓଙ୍କ ସହିତ ନବରଙ୍ଗପୁର ବିଧାୟକ ଆଲୋଚନା କରୁଛନ୍ତି।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରାଇଘର, ୧୧।୭(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ୍‌ରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଶ୍ରୀହର୍ଷ ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଅବସର ଜୀବନ ସୁଖ ଶାନ୍ତି ନିରାମୟ ରହୁ ବୋଲି ଅତିଥି ଓ ଛାତ୍ରୀଛାତ୍ର କାମନା କରିଥିଲେ। ଏହି ଅବସରରେ ରାଇଘର ବ୍ଲକ୍ ଏବିଡିଓ ବିଜୟ କୁମାର ସେଠୀ, ବିଇଓ ଈଶ୍ୱର ଚନ୍ଦ୍ର ମାଝି, ଏବିଇଓ ସୋନା ମାଝି, ପ୍ରଫୁଲ୍ଲ କୁମାର ଭୂୟାଁ, କୁସୁମପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିହିରକାନ୍ତ ଡାଲିଙ୍କ ସମେତ ଗଞ୍ଜାପାରା ସିଆର୍‌ସିସି, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ସ୍କୁଲର ଛାତ୍ରୀଛାତ୍ର ତଥା ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଶ୍ରୀହର୍ଷ ମହାପାତ୍ର ୧୯୮୯ରେ ରାଇଘର ବ୍ଲକ୍ ଟିମନପୁର ପଞ୍ଚାୟତ ବୁଡ୍ରାପାରା, ରାଇଘର ସଦର ମହକୁମାସ୍ଥିତ ଏକ୍ସ ବୋର୍ଡ ସ୍କୁଲରେ ଶିକ୍ଷକ ଭାବେ ଯୋଗ ଦେଇଥିଲେ। ଦୀର୍ଘ ୩୫ ବର୍ଷ ଶିକ୍ଷକତା ପରେ ଜୁନ୍ ୩୦ରେ ଅବସର ଗ୍ରହଣ କରିଥିଲେ।



ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ପାତ୍ରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିଲମ୍ବିତ

## ମଧାହ୍ନ ଭୋଜନ ଚାଉଳ ବିକ୍ରି ସହ ରହିଥିଲା ଅନ୍ୟ ଅଭିଯୋଗ

ନବରଙ୍ଗପୁର, ୧୧।୭
(ସଦାଶିବ ପ୍ରହରାଜ)

ମଧାହ୍ନ ଭୋଜନ ଚାଉଳ ବିକ୍ରି, ସାର୍ଟିଫିକେଟ ବାବଦକୁ ଟଙ୍କା ଆଦାୟ, ବିନା ଛୁଟିରେ ସ୍କୁଲ ଛାଡ଼ିବା ଅଭିଯୋଗରେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପାତ୍ରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାମଲଙ୍କୁ ଜିଲା ଶିକ୍ଷା ଅଧିକାରୀ ଛାତ୍ରପତି ସାହୁ ନିଲମ୍ବିତ କରିଛନ୍ତି। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପାତ୍ରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାମଲଙ୍କ ଦାୟିତ୍ୱହୀନତା ଅଭିଯୋଗ କରି ଗ୍ରାମବାସୀ କାର୍ଯ୍ୟାନୁଷ୍ଠାନ ନେବାକୁ ଡିଇଓ ସାହୁଙ୍କୁ ଜଣାଇଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟନାୟକ ଓ ସିଆରସିସି ଡମ୍ବୁ ନାୟକ ପାତ୍ରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପହଞ୍ଚି ତଦନ୍ତ କରି ଏକ ବିସ୍ତୃତ ରିପୋର୍ଟ ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଥିଲେ। ଉକ୍ତ ତଦନ୍ତ ରିପୋର୍ଟ ଆଧାରରେ ଜିଲ୍ଲା ଶିକ୍ଷାଅଧିକାରୀ ପତ୍ର ସଂଖ୍ୟା ୩୪୫୭ ତାରିଖ ୧୦-୭-୨୦୨୪ ରେ ନିଲମ୍ବନ ଆଦେଶ କରିଛନ୍ତି। ନିଲମ୍ବନ ସମୟରେ ପ୍ରଧାନ ଶିକ୍ଷକ ସାମଲ ପାପଡ଼ାହାଣ୍ଡି ବ୍ଲକର ଟିକରାପାଲ୍ଲା ୟୁଜି ହାଇସ୍କୁଲରେ ଅବସ୍ଥାପିତ ହେବେ। ତେବେ ବିଦ୍ୟାଳୟ ଛାଡ଼ିବା ପୂର୍ବରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପାତ୍ରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଜଣେ ବରିଷ୍ଠ ଶିକ୍ଷକଙ୍କୁ ଦାଇତ୍ୱ ଦବେ ବୋଲି ସୂଚନା ମିଳିଛି।

ଅଭିଯୋଗ ଅନୁଯାୟୀ ପାତ୍ରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାମଲ ବିଦ୍ୟାଳୟ ମଧାହ୍ନ ଭୋଜନ ଚାଉଳ ୩ ବସ୍ତା ବିକ୍ରି କରିଛନ୍ତି । ଚାଉଳ ବିଦ୍ୟାଳୟରୁ ବାହାରକୁ ନେବାପାଇଁ ଶହେଟଙ୍କା ଜଣକୁ ଦେଇଥିଲେ। ଏହାର ଭିଡିଓ ଭାଇରାଲ ହୋଇଥିଲା। ଛାତ୍ରୀଛାତ୍ରଙ୍କୁ ନିର୍ଦ୍ଧାରିତ ୯ ତାରିଖ ପୂର୍ବରୁ ପ୍ରତିପିଲା ପିଛା ୧୦୦ ଟଙ୍କା ନେଇ ସାର୍ଟିଫିକେଟଗୁଡିକ ପ୍ରଦାନ କରିଥିଲେ। ନିୟମ ଅନୁଯାୟୀ ସେ ଛୁଟି ନେଇ ନ ଥିବା ଓ ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ମଧ ଜଣାଇ ନ ଥିବା ନେଇ ତାଙ୍କ ନାମରେ ଅଭିଯୋଗ ଥିଲା। ୩ ବସ୍ତା ଚାଉଳ ବିକ୍ରି, ସାର୍ଟିଫିକେଟ ପ୍ରଦାନ ପାଇଁ ୧୦୦ଟଙ୍କା ଆଦାୟରେ ସତ୍ୟତା ଥିବା ତଦନ୍ତରେ ଜଣାପଡ଼ିଥିଲା। ପ୍ରଧାନ ଶିକ୍ଷକ ବିନା ଛୁଟିରେ ଗାଁକୁ ଚାଲିଯିବା ସହ ଅନ୍ୟ କୌଣସି ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସ୍କୁଲ ଦାଇତ୍ୱ ଦେଇ ନ ଥିବା ମଧ ଜଣାପଡ଼ିଥିଲା। ପ୍ରଧାନ ଶିକ୍ଷକଙ୍କ ଗଣିତ ପଢ଼ାଇବା ଦାୟିତ୍ୱ ଥିଲେ ମଧ ସେ ସ୍କୁଲ ଖୋଲିବା ଦିନରୁ ଗୋଟିଏ ମଧ କ୍ଲାସ କରି ନାହାନ୍ତି। ଛାତ୍ରୀ ଛାତ୍ର ଯାହା ମଧ ଗଣିତ ପାଠ ଅନ୍ୟ ମାନଙ୍କ ମାଧମରେ ପଢୁଥିଲେ ସେହି ଖାତା ମଧ ଦେଖି ନ ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଥିଲେ। ପ୍ରାକ୍ତନ ଛାତ୍ର ପ୍ରଦୀପ କୁମାର ନାୟକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଙ୍ଗତା ଭତ୍ରା ସ୍କୁଲରେ ବହୁ ଅନିୟମିତତା, ଚାଉଳ ବିକ୍ରି ଓ ସାର୍ଟିଫିକେଟ ପ୍ରଦାନରେ ଟଙ୍କା ଆଦାୟ ହୋଇଥିବା ନେଇ ଅଭିଯୋଗ କରିଥିଲେ।

# ମତ୍ସ୍ୟଚାଷୀ, ଉଦ୍ୟୋଗୀ ପୁରସ୍କୃତ

## ଜିଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ

ନବରଙ୍ଗପୁର, ୧୧।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ସଦରମହକୁମାସ୍ଥିତ ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର କବିରାଜ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲାରେ ମତ୍ସ୍ୟ ଚାଷୀମାନେ କିପରି ୨ଗୁଣ ଲାଭ ପାଇବେ ଏବଂ ମତ୍ସ୍ୟ ଚାଷ ସମୟରେ ଉପଜୁଥିବା ବିଭିନ୍ନ ସମସ୍ୟା ଓ ସେ ସବୁର ପ୍ରତିକାର ଉପରେ ବିସ୍ତୃତ ଭାବେ ବୁଝାଇଥିଲେ। ଏଥିରେ ସହକାରୀ ପ୍ରାଣୀ ଚିକିତ୍ସକ ଡା. ପ୍ରଜ୍ଞା ପଣ୍ଡା, ନନ୍ଦହାଣ୍ଡି ସହକାରୀ ପ୍ରାଣୀ ଚିକିତ୍ସକ ଡା. ବିଶ୍ୱରଞ୍ଜନ ସାହୁ, ଅବସରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀ ଚନ୍ଦ୍ରଶେଖର ମହାପାତ୍ର, ସହକାରୀ ମତ୍ସ୍ୟ ଅଧିକାରୀ ସଞ୍ଜନା ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ମତ୍ସ୍ୟଚାଷୀମାନେ କିପରି ମାଛ ଚାଷକରି ଉପକୃତ ହେବେ, ଅଧିକରୁ ଅଧିକ ମାଛ ଉତ୍ପାଦନ ବଢ଼ାଇବା ସହ ନିଜର ଜୀବିକା ଅତିବାହିତ କରିବେ ଏବଂ ମତ୍ସ୍ୟ ବିଭାଗରେ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସେମାନେ ଆଲୋକପାତ କରିଥିଲେ। ଏଥିରେ ପଞ୍ଚାୟତ ପୋଖରୀ ନିଲାମ ନେଇ ମାଛଚାଷ କରୁଥିବା ନନ୍ଦହାଣ୍ଡି ବ୍ଲକର ମାଁ ଲକ୍ଷ୍ମୀ ଏସ୍‌ଏଚ୍‌ଜି, ଶ୍ରେଷ୍ଠ ମତ୍ସ୍ୟ ଚାଷୀ ଭାବେ ତେନ୍ତୁଳିଖୁଣ୍ଟି ବ୍ଲକର ଲଳିତ ମୋହନ ନାୟକ, ଶ୍ରେଷ୍ଠ ଉଦ୍ୟୋଗକାରୀ ଭାବେ ଦେବାନନ୍ଦ ପଟ୍ଟନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସହକାରୀ ମତ୍ସ୍ୟଧିକାରୀ ବିଜୟ କୁମାର ମାଝି, ରାଜେଶ କୁମାର ଦାସ, ଏସ୍. ଭବାନୀ ରେଡ୍ଡୀ, ଭାବଗ୍ରାହୀ ନାୟକ, ଦେବବ୍ରତ ମିତ୍ର, ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ଅଶ୍ୱିନୀ କୁମାର ଜେନା, ଲକ୍ଷ୍ମୀପ୍ରିୟା ଦାଶ ଓ ମନୋରଞ୍ଜନ ମାଝି, କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ଉତ୍ତମ କୁମାର ଗଣ୍ଡ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସହକାରୀ ମତ୍ସ୍ୟାଧିକାରୀ ଶୁଭେନ୍ଦୁ କୁମାର ଦାସ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ମତ୍ସ୍ୟଚାଷୀ, ଏସ୍‌ଏଚ୍‌ଜି ମହିଳା ଓ ଅନ୍ୟମାନେ।

